ପାଠ-୯

# ପ୍ରଗତି ଓ ମାନବଧର୍ମ

**STUDY NOTES**

## MIND MAP



ଲେଖକ ପରିଚୟ

ଓଡ଼ିଆ ପ୍ରବନ୍ଧ ସାହିତ୍ୟର କ୍ରମବିକାଶରେ ଡ଼କ୍ଟର ବୈଦ୍ୟନାଥ ମିଶ୍ର ଜଣେ ମୂଲ୍ୟବୋଧବାଦୀ ଓ ଚିନ୍ତାଶୀଳ ପ୍ରାବନ୍ଧିକ । ୧୯୨୦ ମସିହାରେ ସେ ପୁରୀ ଜିଲ୍ଲାର ଦିବ୍ୟସିଂହପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ଜଣେ ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ସାମଜତତ୍ତ୍ୱବିତ୍ ଓ ରାଜନୀତିକ ବୁଦ୍ଧିଜୀବୀ ଭାବରେ ସେ ସୁପରିଚିତ । ସେ ଅର୍ଥନୀତି ବିଭାଗର ପ୍ରଫେସର ଥିଲେ । ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର କୁଳପତି ଓ ରାଜ୍ୟ ଯୋଜନା ବୋର୍ଡ଼ର ଅଧକ୍ଷ ଭାବେ ସେ କାର୍ଯ୍ୟ କରୁଛନ୍ତି । ସ୍ୱାଧୀନତା ପରେ ସାମାଜିକ ମୂଲ୍ୟବୋଧ, ଆର୍ଥନୀତିକ ବ୍ୟବସ୍ଥା ଓ ଶାସନଗତ ସଂସ୍କାରକୁ ନେଇ ସେ ପ୍ରବନ୍ଧ ରଚନା କରିଛନ୍ତି । ସଚେତନତା ସୃଷ୍ଟି ହିଁ ତାଙ୍କ ପ୍ରବନ୍ଧ ରଚନାର ଆଭିମୁଖ୍ୟ । ତାଙ୍କ ରଚିତ ସମସ୍ୟାମୂଳକ ଓ ଚିନ୍ତାନିଷ୍ଠ ପ୍ରବନ୍ଧ ଗ୍ରନ୍ଥଗୁଡ଼ିକ ମଧ୍ୟରେ ଶାସନ ଓ ସଂସ୍କାର, ସମାଜ ଓ ସଭ୍ୟତା, ଗଣତନ୍ତ୍ର ଓ ସମାଜବାଦୀ, ସାମାଜିକ ମୂଲ୍ୟବୋଧ, ସ୍ମୃତିତୀର୍ଥ, ଆଧୁନିକ ସଭ୍ୟତାର ଯନ୍ତ୍ରଣା, ଆର୍ଥନୀତିକ ଯୋଜନା, ଭାରତର ଅର୍ଥନୀତିକ ସମସ୍ୟା, ପୁଞ୍ଜିବାଦ ଏବଂ ସମାଜବାଦ ଓ ଗାନ୍ଧିବାଦ ଇତ୍ୟାଦି ଉଲ୍ଲେଖଯୋଗ୍ୟ । ତାଙ୍କ ପ୍ରବନ୍ଧରେ ତଥ୍ୟ, ସୂଚନା, ଯୁକ୍ତି ବିଶ୍ଳେଷଣ ସହିତ ଶାଶ୍ୱତ ସାମାଜିକ ଓ ମାନବିକ ମୂଲ୍ୟବୋଧର ପ୍ରତିଫଳନ ଘଟିଥିବାର ଲକ୍ଷ୍ୟ କରାଯାଏ । ସରଳ ଓ ସୁଖବୋଧ ଶବ୍ଦବିନ୍ୟାସ, ସଂକ୍ଷିପ୍ତ ବର୍ଣ୍ଣନା ଏବଂ କ୍ଷୁଦ୍ର ବାକ୍ୟ ତାଙ୍କ ପ୍ରବନ୍ଧ ରଚନାର ବୈଶିଷ୍ଟ୍ୟ ।

ପ୍ରବନ୍ଧର ପୃଷ୍ଠଭୂମି :

ଆଲୋଚ୍ୟ ପ୍ରବନ୍ଧଟି ପ୍ରାବନ୍ଧିକ ଡ଼କ୍ଟର ମିଶ୍ରଙ୍କ ରଚିତ ସମାଜତାତ୍ତ୍ୱିକ ପ୍ରବନ୍ଧ ପୁସ୍ତକ ସାମାଜିକ ମୂଲ୍ୟବୋଧରୁ ସଂଗୃହୀତ । ଏହି ପ୍ରବନ୍ଧରେ ଲେଖକ ସାମାଜିକ ଓ ମାନବିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଛନ୍ତି । ମଣିଷ ମନର ବ୍ୟାପକତା, ସମ୍ପ୍ରସାରିତ ମାନସିକତା, ନିର୍ମଳ ଆଧ୍ୟାତ୍ମିକତା ଓ ଈଶ୍ୱର ବିଶ୍ୱାସ ଭିତିରେ ସାମାଜିକ ପ୍ରଗତି ଓ ମାନବିକତାର ପ୍ରସାର ସାଧନ ହୋଇପାରିବ ବୋଲି ପ୍ରାବନ୍ଧିକ ଆଶାପୋଷଣ କରିଛନ୍ତି । ମୋଟ ଉପରେ ଆଲୋଚ୍ୟ ପ୍ରବନ୍ଧଟିରେ ଧର୍ମର ସଂକୀର୍ଣ୍ଣତା ଓ ମାନବିକ ପ୍ରଗତି ସମ୍ପର୍କରେ ବିଶ୍ଳେଷଣ କରାଯାଇଛି ।

ପ୍ରବନ୍ଧର ସାରକଥା ।

ନୋବେଲ ଶାନ୍ତି ପୁରସ୍କାରପ୍ରାପ୍ତ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୁଦ୍ଧିଜୀବୀ ଆଲବଟ୍ ସ୍ୱାଇଜରଙ୍କ ମତରେ ତିନିପ୍ରକାର ପ୍ରଗତିକୁ ନେଇ ସମାଜର ହିତସାଧନ ହୋଇଥାଏ । ପ୍ରଥମ ପ୍ରକାରଟି ହେଉଛି ଜ୍ଞାନ ଓ ପ୍ରବିଧି ବିଜ୍ଞାନର ପ୍ରସାର । ଜ୍ଞାନଦ୍ୱାରା ମନୁଷ୍ୟ ମନରୁ ସଂକୀର୍ଣ୍ଣତା ଦୂରେଇ ଯାଇଥାଏ ଏବଂ ପ୍ରବିଧି ବିଜ୍ଞାନଦ୍ୱାରା ଉତ୍ପାଦନ ପ୍ରଣାଳୀରେ ଉନ୍ନତି ଘଟିଥାଏ । ଉଭୟ ଜ୍ଞାନ ଓ ପ୍ରବିଧି ବିଜ୍ଞାନର ସମନ୍ୱୟ ଘଟିଲେ ମନୁଷ୍ୟ ସମାଜର ଅର୍ଥନୀତିକ ପ୍ରଗତି ସମ୍ଭବ ହୋଇଥାଏ ।